# NATIONAL NEWS BULLETIN (ODIA)

**3 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଦିବ୍ୟାଙ୍ଗଙ୍କ ସଫଳତା ସମସ୍ତଙ୍କ ପାଇଁ ପ୍ରେରଣାଦାୟକ; କହିଲେ ରାଷ୍ଟ୍ରପତି

– ଦିବ୍ୟାଙ୍ଗଙ୍କୁ ସଶକ୍ତ କରିବା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ପ୍ରଦାନ କଲେ ଜାତୀୟ ପୁରସ୍କାର

- ଭାରତରେ ଅନୁପ୍ରବେଶକରୀ ଓ ବେଆଇନ ପ୍ରବାସୀଙ୍କର କୌଣସି ଆଇନଗତ ଅଧିକାର ନାହିଁ; ସ୍ପଷ୍ଟ କଲେ ସୁପ୍ରିମକୋର୍ଟ

- ବାତ୍ୟା ଦିତୱା ପ୍ରଭାବରେ ଶ୍ରୀଲଙ୍କାରେ ମୃତ୍ୟୁସଂଖ୍ୟା ୪୭୪କୁ ବୃଦ୍ଧି

– ଅପରେସନ୍ 'ସାଗର ବନ୍ଧୁ' ଅଧୀନରେ ମାନବୀୟ ସହାୟତା ବୃଦ୍ଧି କଲା ଭାରତ

ଏବଂ

- ରାୟପୁର ଦିନିକିଆ ଆନ୍ତର୍ଜାତିକ କ୍ରିକେଟ ମ୍ୟାଚ୍‌ରେ ଟସ୍ ଜିତି ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ଦକ୍ଷିଣ ଆଫ୍ରିକା

## ପ୍ରେଜ୍- ପର୍ସନସ ୱିଥ୍ ଡିଜାବିଲିଟି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଦିବ୍ୟାଙ୍ଗଙ୍କୁ ସମାନ ଭାବରେ ସମ୍ମାନ ପ୍ରଦର୍ଶନ କଲେ ହିଁ ସମାଜକୁ ପ୍ରକୃତ ଅର୍ଥରେ ବିକଶିତ ବୋଲି କୁହାଯାଇପାରିବ। ସେମାନଙ୍କ ସହିତ ଦୟା ନୁହେଁ ବରଂ ସମ୍ମାନ ଓ ମର୍ଯ୍ୟାଦାର ସହ ବ୍ୟବହାର କରାଯିବା ଉପରେ ରାଷ୍ଟ୍ରପତି ଗୁରୁତ୍ୱ ପ୍ରଦାନ କରିଛନ୍ତି। ନୂଆଦିଲ୍ଲୀରେ ଭିନ୍ନକ୍ଷମ ସଶକ୍ତୀକରଣ ପାଇଁ ଜାତୀୟ ପୁରସ୍କାର ପ୍ରଦାନ ସମାରୋହରେ ଆଜି ରାଷ୍ଟ୍ରପତି ଏହା କହିଛନ୍ତି। ଦିବ୍ୟାଙ୍ଗଙ୍କର ସଫଳତା ସମସ୍ତଙ୍କ ପାଇଁ ପ୍ରେରଣାଦାୟକ ବୋଲି ରାଷ୍ଟ୍ରପତି କହିଛନ୍ତି। ସମାଜରେ ଦିବ୍ୟାଙ୍ଗଙ୍କୁ ଉଚିତ ମର୍ଯ୍ୟାଦା ପ୍ରଦାନ କରିବା ଲକ୍ଷ୍ୟ ନେଇ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। କ୍ରୀଡ଼ା କ୍ଷେତ୍ରରେ ଦିବ୍ୟାଙ୍ଗ ସଫଳତା ଉପରେ ଆଲୋକପାତ କରି ରାଷ୍ଟ୍ରପତି କହିଛନ୍ତି। ୨୦୨୪ ପାରାଅଲିମ୍ପିକ୍ସ ପ୍ରତିଯୋଗିତାରେ ଭାରତ ୨୯ଟି ପଦକ ହାସଲ କରିଥିଲା। ଭାରତୀୟ ପାରା କ୍ରୀଡ଼ାବିତ୍‌ଙ୍କ ପ୍ରଗତି ମାନଦଣ୍ଡକୁ ଏହା ପ୍ରତିଫଳିତ କରୁଛି ବୋଲି ରାଷ୍ଟ୍ରପତି କହିଛନ୍ତି।

V/O-PRESIDENT--PARALYMPICS-MEDAL-FACILITY

କାର୍ଯ୍ୟକ୍ରମ ଅବସରରେ ଦିବ୍ୟାଙ୍ଗଙ୍କ ସଶକ୍ତ କରିବା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷ ଏବଂ ପ୍ରତିଷ୍ଠାନକୁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରିଛନ୍ତି।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ପଡ଼କାଷ୍ଟ ସିରିଜ୍ 'ଗଳ୍ପ ପଛର ବ୍ୟକ୍ତି'ର ଅଂଶ ସ୍ୱରୂପ ଏଭରେଷ୍ଟ ଆରୋହଣ କରିଥିବା ବିଶ୍ୱର ପ୍ରଥମ ଦୃଷ୍ଟିହୀନ ମହିଳା ଛୋଞ୍ଜିନ୍ ଆଙ୍ଗମୋଙ୍କ ସହ ଆଜି ଏକ ସାକ୍ଷାତକାର ପ୍ରସାରଣ କରାଯିବ । ଏଫ୍.ଏମ୍. ଗୋଲ୍ଡ ଚ୍ୟାନେଲ୍‌ରେ ଅପରାହ୍ଣ ସାଢ଼େ ୫ଟାରେ କାର୍ଯ୍ୟକ୍ରମର ପୁନଃପ୍ରସାରଣ କରାଯିବ ।

## ଏଲ୍‌ଏସ୍– ବୈଷ୍ଣବ- ଫେକ୍ ନ୍ୟୁଜ

ତଥ୍ୟବିହୀନ ଖବର ଗଣତନ୍ତ୍ର ପାଇଁ ବିପଦ ବୋଲି ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ବୈଷ୍ଣବ କୃତ୍ରିମ ବୁଦ୍ଧିମତା ଆଧାରିତ ଏଭଳି ମିଥ୍ୟା ଖବର ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଲୋକସଭାରେ ଆଜି ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ବୈଷ୍ଣବ କହିଛନ୍ତି, ଏ.ଆଇ ଦ୍ୱାରା ସୃଷ୍ଟି ହୋଇଥିବା ମିଥ୍ୟା ଖବର ଚିହ୍ନଟ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏକ ନୂତନ ଚିଠା ନୀତି ପ୍ରସ୍ତୁତ କରାଯାଇଛି । ସେ କହିଛନ୍ତି, ସରକାର ଏବଂ ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆ, ଉଭୟ ପ୍ରତ୍ୟେକ ଗଣମାଧ୍ୟମରେ ପ୍ରଚାର ଓ ପ୍ରସାର ହେଉଥିବା ତଥ୍ୟବିହୀନ ଖବର ଉପରେ ତୀକ୍ଷ୍ଣ ନଜର ରଖୁଛନ୍ତି । ସରକାର ଏବଂ ନାଗରିକ ସମାଜ ଏ କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିଲେ ସମାଜରେ ବିଶ୍ୱାସ ବଜାୟ ରହିବା ସହ ସତ୍ୟତା ଅକ୍ଷୁଣ୍ଣ ରହିବ ବୋଲି ସେ କହିଛନ୍ତି ।

**V/O- Aswhini Baishnab**

ଶ୍ରୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡିଜିଟାଲ ଇଣ୍ଡିଆ ମାଧ୍ୟମରେ ଦେଶରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି । ସେ କହିଛନ୍ତି, ସରକାର ଅନଲାଇନ୍ ମନି ଗେମିଂ ନିୟନ୍ତ୍ରଣ କରିବା ପାଇଁ

କଠୋର ଆଇନ ପ୍ରଣୟନ କରିଛନ୍ତି ଯାହା ଦେଶବାସୀଙ୍କୁ ସୁଫଳ ପ୍ରଦାନ କରୁଛି ।

## ଆର୍‌ଏସ୍ –ପ୍ରଧାନ ଅଣଟିଙ୍କରିଂ ଲ୍ୟାବ୍

ଦେଶବ୍ୟାପୀ ସ୍କୁଲଗୁଡ଼ିକରେ ୫୦ ହଜାର ନୂତନ ଅଟଳ ଟିଙ୍କରିଂ ଲ୍ୟାବ ସରକାର ପ୍ରତିଷ୍ଠା କରିବେ । ରାଜ୍ୟସଭାରେ ଆଜି ଏକ ପ୍ରଶ୍ନର ଉତ୍ତରରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି । ସ୍କୁଲସ୍ତରରେ ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ଅଟଳ ଇନୋଭେସନ୍ ମିଶନ ଅଧୀନରେ ୧୦ ହଜାରରୁ ଅଧିକ ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରାଯାଇଛି ବୋଲି ସେ କହିଛନ୍ତି । ସେ କହିଛନ୍ତି, ସ୍କୁଲଗୁଡ଼ିକରେ ଗବେଷଣା ଏବଂ ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ମିଶନ ଆରମ୍ଭ କରିଛନ୍ତି ।

## ଏସ୍‌ସି–ଇଲିଗାଲ୍ ମାଇଗ୍ରାଣ୍ଟସ

ଭାରତରେ ଅନୁପ୍ରବେଶକାରୀ ଏବଂ ବେଆଇନ ପ୍ରବାସୀଙ୍କର କୌଣସି ଆଇନଗତ ଅଧିକାର ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗ୍‌ଚିଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତକାଲି ଏ ସଂକ୍ରାନ୍ତ ଏକ ମାମଲାର ଶୁଣାଣି କରି କହିଛନ୍ତି, ଅନୁପ୍ରବେଶକାରୀଙ୍କୁ ଦେଶରେ ଆପଣା ଯାଇପାରିବ ନାହିଁ । କିଛି ରୋହିଙ୍ଗିଆ ଅଧିବାସୀଙ୍କ ନିଖୋଜ ହେବା ଅଭିଯୋଗ ନେଇ ଆଗତ ହେବିୟସ୍ କର୍ପସ ଆବେଦନ ଉପରେ ଶୁଣାଣି କରି ଖଣ୍ଡପୀଠ ଏହା କହିଛନ୍ତି । ଦେଶର ନାଗରିକଙ୍କ କ୍ଷେତ୍ରରେ ସରକାରୀ ସୁବିଧା ସୁଯୋଗ କେନ୍ଦ୍ରୀତ ହେବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ତେବେ

ବେଆଇନ ପ୍ରବାସୀଙ୍କୁ ହେପାଜତ ନିର୍ଯାତନା ଦିଆଯାଇପାରିବ ନାହିଁ ବୋଲି ମଧ୍ୟ ସୁପ୍ରିମକୋର୍ଟ ଆବେଦନର ଶୁଣାଣି ସମୟରେ ଉଲ୍ଲେଖ କରିଛନ୍ତି।

## ଅପରେସନ୍ ସାଗର ବନ୍ଧୁ

ଶ୍ରୀଲଙ୍କାରେ ବାତ୍ୟା 'ଦିତଓ୍ୱା' ପ୍ରଭାବରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଁ ୪୭୪ରେ ପହଁଞ୍ଚିଛି। ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର  ଦେଇଥିବା ସୂଚନା ଅନୁଯାୟୀ ଏବେ ମଧ୍ୟ ୩୫୬ ଜଣ ନିଖୋଜ ଅଛନ୍ତି।  କାଣ୍ଡି ଜିଲ୍ଲା ସବୁଠାରୁ ଅଧିକ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ସେଠାରେ ୧୧୮ ଜଣଙ୍କ ମୃତ୍ୟୁ ହୋଇଛି।

ପରିସ୍ଥିତକୁ ଦୃଷ୍ଟିରେ ରଖି ଅପରେସନ୍ 'ସାଗର ବନ୍ଧୁ' ଅଧୀନରେ ଭାରତ ମାନବୀୟ ସହାୟତାକୁ ବୃଦ୍ଧି କରିଛି। ଜଳ, ସ୍ଥଳ, ଆକାଶ ପଥ ଯୋଗେ ରିଲିଫ ସହାୟତା ଯୋଗାଇ ଦେଉଛି। ଆଇଏନ୍ଏସ୍ ସୁକନ୍ୟା ଦ୍ୱାରା ତ୍ରିଙ୍କୋମାଲିକୁ ପଠାଯାଇଥିବା ସାମଗ୍ରୀ ଶ୍ରୀଲଙ୍କା ବାୟୁସେନା ଦ୍ୱାରା ପୂର୍ବ ପ୍ରାନ୍ତର'ର ପ୍ରଭାବିତ ଅଞ୍ଚଳକୁ ବିମାନ ଯୋଗେ ପଠାଯାଇଛି। ପୁଟ୍ଟାଲମରେ ଏନ୍.ଡି.ଆର୍.ଏଫ୍.' ଗର୍ଭବତୀ ମହିଳା ଏବଂ ଆହତଙ୍କ ସମେତ ୮୦୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରିଛି।

ଭାରତୀୟ ବାୟୁସେନା ହେଲିକପ୍ଟରରଗୁଡ଼ିକ ମାଧ୍ୟମରେ ୫ ଦଶମିକ ୫ ଟନ୍‌ରୁ ଅଧିକ ରିଲିଫ୍ ସାମଗ୍ରୀ ଆକାଶ ମାର୍ଗରୁ ପ୍ରଭାବିତ ଅଞ୍ଚଳରେ ପହଁଞ୍ଚାଇଛନ୍ତି।

## ଜୟଶଙ୍କର- ଇଣ୍ଡିଆ ଓ୍ୱାର୍ଲଡ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି, ମଦଦ୍ ପୋର୍ଟାଲ ମାଧ୍ୟମରେ ଗତ ୩ ବର୍ଷ ମଧ୍ୟରେ ପ୍ରାୟ ୧ ଲକ୍ଷ ୩୮ ହଜାର ଅଭିଯୋଗର ସମାଧାନ ସରକାର କରିଛନ୍ତି। ନୂଆଦିଲ୍ଲୀରେ ଭାରତ ବିଶ୍ୱ ବାର୍ଷିକ ସମ୍ମିଳନୀ-୨୦୨୫କୁ ସମ୍ବୋଧନ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତୀୟ ସମ୍ପ୍ରଦାୟ କଲ୍ୟାଣ ପାଣ୍ଠି ପାଇଁ ସଂଗୃହୀତ ପାସପୋର୍ଟ ଉପରେ ସେସ୍ ପ୍ରାୟ ୨ ଲକ୍ଷ ୩୮ ହଜାର ଲୋକଙ୍କୁ ସହଯୋଗ ପ୍ରଦାନ କରିଛି। ଭାରତରେ ପାସପୋର୍ଟ ପ୍ରସ୍ତୁତ କରିବା ଏବେ ଆଉ ଆହ୍ୱାନ ନୁହେଁ, ବରଂ ସହଜ ହୋଇପାରିଛି। ଦେଶରେ ୫୦୦ରୁ ଅଧିକ ସ୍ଥାନରେ ପାସପୋର୍ଟ ପ୍ରଦାନର ବ୍ୟବସ୍ଥା କରାଯାଇଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି। ଅନୁପ୍ରବେଶକୁ ପ୍ରତିହତ କରିବା ଉପରେ ଆଲୋକପାତ କରି ଡକ୍ଟର ଜୟଶଙ୍କର କହିଛନ୍ତି, ବେଆଇନ ପ୍ରବାସୀ ଭାରତର ସ୍ୱାସ୍ଥ୍ୟ ବିରୋଧୀ। ତେବେ ଏ କ୍ଷେତ୍ରରେ ଅନ୍ୟ ଦେଶଗୁଡ଼ିକର ସହଯୋଗ ଉପରେ ଡକ୍ଟର ଜୟଶଙ୍କର ଗୁରୁତ୍ୱ ପ୍ରଦାନ କରିଛନ୍ତି।

## ଏଲ୍‌ଏସ୍–ଯୋଶୀ ରାସନ କାର୍ଡ

କେନ୍ଦ୍ର ଖାଦ୍ୟ, ସାଧାରଣ ବଣ୍ଟନ ଏବଂ ଉପଭୋକ୍ତା ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି, ସମଗ୍ର ଦେଶରେ ଶତ ପ୍ରତିଶତ ରାସନ କାର୍ଡ ଡିଜିଟାଲ ହୋଇଛି। ଆଜି ଲୋକସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଯୋଶୀ କହିଛନ୍ତି, ୨୦ କୋଟି ୫୮ ଲକ୍ଷରୁ ଅଧିକ ପରିବାରର ରାସନକାର୍ଡ ଡିଜିଟାଲ କରାଯାଇଛି। ସେ କହିଛନ୍ତି, ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅଧୀନରେ ଯୋଗ୍ୟ ହିତାଧିକାରୀମାନଙ୍କୁ ମାଗଣାରେ ରାସନ ଉପଲବ୍ଧ କରାଉଛନ୍ତି ଏବଂ ଏହି ଯୋଜନା ୨୦୨୯ ମସିହା ପର୍ଯ୍ୟନ୍ତ ଜାରି ରହିବ। ଶ୍ରୀ ଯୋଶୀ କହିଛନ୍ତି, ଏହି ଯୋଜନା

ଅନୁସାରେ ଯୋଗ୍ୟ ପରିବାରକୁ ପ୍ରତି ମାସରେ ମାଗଣରେ ଖାଦ୍ୟଶସ୍ୟ ପାଞ୍ଚ କେଜି ଯୋଗାଇ ଦିଆଯିବ ।

## ଚାଇଲ୍ଡ ମ୍ୟାରେଜ୍ ଫ୍ରି ଭାରତ

ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ଲକ୍ଷ୍ୟ ନେଇ ନୂଆଦିଲ୍ଲୀଠାରେ ଆସନ୍ତାକାଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏକ ୧୦୦ ଦିନିଆ ସଚେତନତା ଅଭିଯାନର ଶୁଭାରମ୍ଭ କରିବେ ।  ଏହି ଅଭିଯାନ ଅଧୀନରେ ଦେଶବ୍ୟାପୀ ହୋଇଥିବା ପ୍ରେରଣାଦାୟକ କାହାଣୀ ଏବଂ ସାମୂହିକ ପ୍ରଗତିକୁ ପ୍ରଦର୍ଶନ କରାଯିବ । ଅଭିଯାନକୁ ଅଧିକ ସୁଦୃଢ଼ କରିବା ଦିଗରେ ଏହା ସହାୟକ ହେବ । ଏହି ୧୦୦ ଦିନିଆ ଅଭିଯାନ ମାଧ୍ୟମରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଦେଶବ୍ୟାପୀ ନାଗରିକ, ଅନୁଷ୍ଠାନ ଏବଂ ଗୋଷ୍ଠୀ ନେତୃବୃନ୍ଦଙ୍କୁ ସାମିଲ କରିବା ଲକ୍ଷ୍ୟ ରଖାଯାଇଛି । ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ଦିଗରେ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପଞ୍ଚାୟତିରାଜ, ଗ୍ରାମୀଣ ବିକାଶ ଓ ଶିକ୍ଷା ମନ୍ତ୍ରଣାଳୟ ସହିତ ସମନ୍ୱୟ ରକ୍ଷା ମାଧ୍ୟମରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏହି ଜାତୀୟ ଅଭିଯାନକୁ କାର୍ଯ୍ୟକାରୀ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ତୃଣମୂଳସ୍ତରରେ ଏ ନେଇ ନାଗରିକଙ୍କୁ ସଚେତନ କରିବା ଲକ୍ଷ୍ୟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ । ଗତବର୍ଷ ନଭେମ୍ବର ୨୭ ତାରିଖରେ ଆରମ୍ଭ ହୋଇଥିବା ଏହି ଅଭିଯାନ ଗତ ମାସ ୨୭ ତାରିଖରେ ଏକ ବର୍ଷ ପୂରଣ କରିଛି ।

## କ୍ରିକେଟ

ରାୟପୁର ଦିନିକିଆ ଆନ୍ତର୍ଜାତିକ କ୍ରିକେଟ ମ୍ୟାଚ୍‌ରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି। ଚଳିତ ଭାରତ–ଦକ୍ଷିଣ ଆଫ୍ରିକା ପୁରୁଷବର୍ଗ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ ସିରିଜ୍‌ର ଏହି ଦ୍ୱିତୀୟ ମ୍ୟାଚ୍ ସହିଦ ବୀର୍ ନାରାୟଣ ସିଂହ ଆନ୍ତର୍ଜାତିକ ଷ୍ଟାଡିୟମ୍‌ଠାରେ ଖେଳାଯାଉଛି। କେ.ଏଲ୍ ରାହୁଲଙ୍କ ଅଧିନାୟକତ୍ୱରେ ଭାରତ ଏହି ସିରିଜ୍ ଖେଳୁଛି। ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୨ ଓଭରରେ କୌଣସି ୱିକେଟ ନ ହରାଇ ୨୨ ରନ୍ ସଂଗ୍ରହ କରିଛି। ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାରେ ୧୭ ରନ୍‌ରେ ପରାସ୍ତ କରି ଭାରତ ୧-୦ରେ ଆଗୁଆ ରହିଛି।